ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ରସଂଖ୍ୟା. ୯୩୬ / ସୂ.ଲୋ.ସ.. ତା. ୨୦/୦୯/୨୦୧୮

e-mail- dkl.dipro@gmail.com
ଦୂରଭାଷ- (୦୬୭୬୨)-୨୨୪୪୯୪

# ନିର୍ବାଚନ ସଂପର୍କିତ ଇଭିଏମ୍ ମେସିନ୍ ଏବଂ ଭିଭିପାର୍ଟ୍ ମେସିନର ବ୍ୟବହାର ଉପରେ ପ୍ରସିକ୍ଷଣ ଶିବିର ଅନୁଷ୍ଠିତ ।

*ଢେଙ୍କାନାଳ, ତା-୨୦/୦୯/୨୦୧୮:- ଆଜି ଉପଜିଲ୍ଲାପାଳ ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ ସେକ୍ଟର ଅଫିସର ମାନଙ୍କର ଏକ ନିର୍ବାଚନ ସମ୍ବନ୍ଧୀୟ ଦାୟୀତ୍ୱ ଉପରେ ପ୍ରଶିକ୍ଷଣ ଶିବିର ଢେଙ୍କାନାଳ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ, ଶ୍ରୀ ନିଖିଲ ପବନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ନିର୍ବାଚନ ସମ୍ବନ୍ଧୀୟ ପ୍ରସ୍ତୁତି ଉପରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ । ଉପଜିଲ୍ଲାପାଳ ହିନ୍ଦୋଳ ଶ୍ରୀ ଭବେଶ କୁମାର ନାୟକ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ଉପରେ ଆଲୋକପାତ କରିଥିଲେ । କାମାକ୍ଷାନଗର ଉପଜିଲ୍ଲାପାଳ ଶ୍ରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ଇଭିଏମ୍ (EVM) ମେସିନ୍ ଏବଂ ନୂତନ ଭାବରେ ବ୍ୟବହାର ହେଉଥିବା ଭିଭିପିଏଟି (VVPAT) ମେସିନ୍‌ର କାର୍ଯ୍ୟକାରିତା ଏବଂ ତାର ବ୍ୟବହାର ଉପରେ ବିସ୍ତୃତ ବିବରଣୀ ଦେଇଥିଲେ । ଏହା ପରେ ଢେଙ୍କାନାଳ ଉପଜିଲ୍ଲାପାଳ ଶ୍ରୀ ପିତାମ୍ବର ସାମଲ ସେକ୍ଟର ଅଫିସର ମାନଙ୍କର ଦାୟିତ୍ୱ ଏବଂ କର୍ତ୍ତବ୍ୟ ଉପରେ ଅବଗତ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ଢେଙ୍କାନାଳ ଏବଂ ହିନ୍ଦୋଳ ଉପଖଣ୍ଡର ପ୍ରାୟ ୭୦ଜଣ ସେକ୍ଟର ଅଫିସର ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ । ଏହି ପ୍ରଶିକ୍ଷଣ କାର୍ଯକ୍ରମରେ ନିର୍ବାଚନ ସହକାରୀ ଜିଲ୍ଲାପାଳ ଶ୍ରୀ ଭଜନାନନ୍ଦ ସାହୁ ଓ ଉପଜିଲ୍ଲାପାଳ କାର୍ଯ୍ୟାଳୟର ଅଧିକାରୀ, ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।*

*******************************************************

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ,
ଢେଙ୍କାନାଳ

*ଏହାର ଏକକିତା ନକଲ ସମ୍ପୃକ୍ତ ଗଣମାଧ୍ୟମର ପ୍ରତିନିଧି ମାନଙ୍କ ଅବଗତି ଓ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।*